## ଗାନ୍ଧିଜୀ ଓ ନିଶା ନିବାରଣ

ବହୁ ଗାନ୍ଧିବାଦୀ ଓ ଗାନ୍ଧିପ୍ରେମୀ ଲୋକେ ମନେ କରନ୍ତି ଯେ, ସଂପୂର୍ଣ୍ଣ ନିଶାନିବାରଣ ବୋଇଲେ ଗୋଟିଏ ପଟରେ ମଦ ଏବଂ ଅନ୍ୟାନ୍ୟ ନିଶାଦ୍ରବ୍ୟର କାରବାରକୁ ସରକାର ସଂପୂର୍ଣ୍ଣ ରୂପେ ବେଆଇନ୍ ଘୋଷଣା କରିବେ, ଓ ଅନ୍ୟପଟରେ ନିଶାସେବନକାରୀମାନେ ନିଶାର ଭୟବହତା ବୁଝିପାରି ତଥା ଧର୍ମଭାବ ଦ୍ୱାରା ପରିଚାଳିତ ହୋଇ ସଂପୂର୍ଣ୍ଣରୂପେ ନିଶାଭ୍ୟାସ ବର୍ଜନ କରିବେ। କିନ୍ତୁ ସଂପୂର୍ଣ୍ଣ ନିଶାନିବାରଣ ସଂବନ୍ଧରେ ଗାନ୍ଧିଙ୍କ ନାଁରେ ପ୍ରଚାରିତ ହେଉଥିବା ଏହି ଅତି-ସରଳ ସୂତ୍ରଠାରୁ ଗାନ୍ଧିଜୀଙ୍କ ବାସ୍ତବ ଦୃଷ୍ଟିଭଙ୍ଗୀ ଥିଲା ଅଧିକ ମୌଳିକ, ଗଭୀର ଓ ବ୍ୟାପକ।

ପ୍ରଥମତଃ ମଣିଷ ମଦ ବା ନିଶା କାହିଁକି ଖାଏ ?- ଏହି ପ୍ରଶ୍ନ ନିଜେ ଗାନ୍ଧି ବହୁବାର ଉପସ୍ଥାପନ କରି ନିଜର ଅନୁଭୂତିରୁ ତହିଁର ଉତ୍ତର ଦେବାକୁ ଚେଷ୍ଟା କରିଛନ୍ତି, ଯାହାକି ଏବେମଧ୍ୟ ପୁରାପୁରି ପ୍ରାସଙ୍ଗିକ। ୧୯୨୫ ମସିହା ମାର୍ଚ୍ଚ ୨୪ରେ ମାଦ୍ରାଜଠାରେ ଶ୍ରୀମତୀ ଆନିବେଶାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ କର୍ମୀସଭାରେ ଗାନ୍ଧିଜୀ ତାଙ୍କର ଦକ୍ଷିଣ ଆଫ୍ରିକା ସମୟର ଅନୁଭୂତିକୁ ବର୍ଣ୍ଣନା କରି କହିଥିଲେ ଯେ, 'ବୁଅର୍ ଯୁଦ୍ଧରେ ଉତ୍ତପ୍ତ ଖରାରେ ଆମକୁ ଆଗକୁ ଯିବାକୁ ଯେତେବେଳେ ବାଧ୍ୟ କରାଯାଉଥିଲା, . . . ମୁଁ ନିଜ ହାତରେ ସେମାନଙ୍କୁ ମଦ୍ୟକାତୀୟ ଜିନିଷ ଆନନ୍ଦରେ ଦେଇଥିଲି।' ସେ ପୁଣି କହିଥିଲେ, ' ଆମ ଦେଶର ଓ ସଂସାରର ସବୁଲୋକ ମଦ ପିଇବା ଉଦ୍ଦେଶ୍ୟରେ ମଦ ପିଅନ୍ତି ନାହିଁ। ଯେଉଁମାନେ ମଦ୍ୟପାନ କରନ୍ତି ବା ମଦ ଚାଖିଛନ୍ତି, ସେମାନେ କହନ୍ତି ଯେ, ମଦର ସ୍ୱାଦ ଭଲନୁହେଁ . . . . ମୋର ଅନୁମାନ ଯେ ମଦର ସ୍ୱାଦ କିଛି ନାହିଁ, ଯାହାକିଛି ସ୍ୱାଦ, ତାହା ମଦ୍ୟପମାନେ ନିଜ ମନକୁ ଅର୍ଜନ କରିଛନ୍ତି।' ବମ୍ବେର ପୂତିଗନ୍ଧମୟ ବସ୍ତି ପରିବେଶରେ ରହିଥିବା ଗରୀବ ଶ୍ରମିକମାନଙ୍କର ନିଶାଭ୍ୟାସର କାରଣ ସଂବନ୍ଧରେ କହିବାକୁ ଯାଇ ଗାନ୍ଧିଜୀ କହିଥିଲେ, 'ଯେଉଁ ଦୁଃଖକଷ୍ଟମୟ ପରିସ୍ଥିତିରେ ସେମାନେ ଅଛନ୍ତି, ସେଥିରେ ମୁଁ ସେମାନଙ୍କୁ ହୁଇସ୍କି, ବ୍ରାଣ୍ଡି, ରମ୍ ବା ଯେକୌଣସି ମଦଜାତୀୟ ଜିନିଷ . . . ଦେବାକୁ ବାଧ୍ୟ ହୁଅନ୍ତି, ଏହି ଉଦ୍ଦେଶ୍ୟରେ ଯେ, ସେମାନେ ତାହା ଦ୍ୱାରା ନିଜର ଦଃଖକଷ୍ଟ ଭୁଲି ଯିବେ। ଏହାହିଁ ହେଉଛି, ଏହି ଦଃଷ୍କର୍ମର ମୂଳ କାରଣ। ପୁରୁଷ ଓ ସ୍ତ୍ରୀ ଲୋକେ ଅତି ନାଚାର ଅବସ୍ଥାରେ ପଡି ଏହି ନିଶାଦ୍ରବ୍ୟକୁ ଧରିଥାନ୍ତି।' ସୁତରାଂ ଗାନ୍ଧିଜୀଙ୍କ ନିଶାନିବାରଣ ଅଭିଯାନର ପ୍ରଥମ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ହେଲା, ଯେଉଁ କରୁଣ, ଦୟନୀୟ ଓ ହତାଶାଜନକ ସାମାଜିକ ଅବସ୍ଥା ମଣିଷକୁ ନିଶାଦିଗକୁ ଠେଲି ଚାଲିଛି, ତାହାର ସଂପୂର୍ଣ୍ଣ ଓ ବୈପ୍ଳବିକ ପରିବର୍ତ୍ତନ ଜରୁରୀ।

ଏକଥା ସତ, ଗାନ୍ଧିଜୀ ଆଇନ୍ ଦ୍ୱାରା ସମସ୍ତ ମଦ ଓ ନିଶାକାରବାରକୁ ଅବିଳମ୍ବେ ବନ୍ଦ କରିଦେବାକୁ ଚାହୁଁଥିଲେ। ଏହାର କାରଣ ଥିଲା, ଇଂରେଜ ସରକାର ଏଥିରୁ ବିପୁଳ ରାଜସ୍ୱ ପାଇ ସୈନ୍ୟବାହିନୀ ପାଇଁ ଖର୍ଚ୍ଚ କରୁଥିଲେ। ଉପରୋକ୍ତ ଭାଷଣ ପ୍ରସଙ୍ଗରେ ସେ ଘୋଷଣା କରିଥିଲେ, 'ମୋ ବିଚାରରେ ସରକାର ଅବକାରୀ ବିଭାଗର ଆୟକୁ ଦେଶର ଗୋଟାଏ ଆୟର ଉପାୟ ରୂପେ ଗ୍ରହଣକରି ଭୟଙ୍କର ଭୁଲ୍ କରିଛନ୍ତି। . . . ଏ ପ୍ରକାର ଆୟଠାରୁ ବଳି ପାପପୂର୍ଣ୍ଣ ଆୟ ଆଉ କିଛି ନାହିଁ।' ଅମରାବତୀଠାରେ ୧୯ ମାର୍ଚ୍ଚ ୧୯୨୧ ରେ ସେ ପୁଣି କହିଥିଲେ, 'ସ୍ୱରାଜ୍ୟରେ ମଦରୁ ଆୟ ଆମପାଇଁ ପାପ ବୋଲି ବିବେଚିତ ହେବା ଉଚିତ୍'। କିନ୍ତୁ ସ୍ୱାଧୀନତାର ୫୬ ବର୍ଷପରେ ଗାନ୍ଧି ଦେଶ ଭାରତବର୍ଷର ଏହା ଏକ ମସ୍ତବଡ ବିଡମ୍ବନା ଯେ, ଏଠାରେ ଗାନ୍ଧିଙ୍କ ପଟଶିଷ୍ୟଙ୍କ ମଧ୍ୟରୁ ଅନେକ ନେତା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରରେ କ୍ଷମତାର ଶୀର୍ଷତମ ପଦବୀରେ ଅଧିଷ୍ଠିତ ହୋଇଥିଲେ ହେଁ, ଇଂରେଜ ଶାସକଙ୍କ ଭଳି ରାଜସ୍ୱ ସଂଗ୍ରହର ଆଳ ଦେଖାଇ ଅତି ନିର୍ଲ୍ଲଜ ଢଙ୍ଗରେ ସେହି ପୁରୁଣା ଔପନିବେଶିକ ଅବକାରୀ ନୀତିକୁ କାଏମ୍ ରଖିଛନ୍ତି, ଏବଂ ଏହା ଫଳରେ ଦେଶର ଜନସାଧାରଣଙ୍କ ପାଇଁ ପ୍ରଭୂତ ଆର୍ଥିକ, ପାରିବାରିକ, ବୃତ୍ତିଗତ ତଥା ନୈତିକ କ୍ଷତି ଘଟାଇ ଚାଲିଛନ୍ତି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ସୁତରାଂ ବିଳମ୍ବରେ ହେଲେ ବି, ଦେଶର ଅବକାରୀ ନୀତିକୁ ସରକାରୀ ରାଜସ୍ୱ ସଂଗ୍ରହର ଉପାୟ ଠାରୁ ବିଚ୍ଛିନ୍ନ କରି ସ୍ୱଦେଶୀ ଢାଞ୍ଚାରେ ପରିଚାଳିତ କରିବାକୁ ପଡିବ, ଏହାହିଁ ଆଜି ପାଇଁ ଗାନ୍ଧିଜୀଙ୍କ ନିଶାନିବାରଣ ଅଭିଯାନର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ୍।

ବିଦେଶୀମାନେ ଚାଲିଯାଇଥିଲେ ବି ଫରେନ୍ ଲିକର ବା ବିଦେଶୀ ମଦକୁ ସରକାରୀ ଅବକାରୀ ନୀତିରେ ସର୍ବଶ୍ରେଷ୍ଠ ମର୍ଯ୍ୟାଦା ଓ ପ୍ରୋତ୍ସାହନ ଦିଆଯାଉଛି। କିନ୍ତୁ ଗାନ୍ଧିଜୀ ଚାହୁଁ ଥିଲେ, ଆମଦେଶର ଜଳବାୟୁକୁ ଚାହିଁ ଖଜୁରି ନୀରା ଭଳି ସ୍ୱାର୍ଥବର୍ଦ୍ଧକ ଓ ସ୍ୱାସ୍ଥ୍ୟକାରକ ସ୍ୱଦେଶୀ ପାନୀୟର କାରବାରକୁ ଆଇନ୍‌ଗତ ପ୍ରୋତ୍ସାହନ ଦିଆଯାଉ। ଆୟୁର୍ବେଦର ପ୍ରମୁଖ ଗ୍ରନ୍ଥ 'ଚରକ ସଂହିତା'ର ସପ୍ତମ ଅଧ୍ୟାୟରେ ମଦ୍ୟବର୍ଗ ଶିରୋନାମାରେ ମହର୍ଷି ଚରକ ୧୯ ପ୍ରକାର ସ୍ୱଦେଶୀ ମାଦକ ପାନୀୟର ଅବତାରଣା କରିଛନ୍ତି, ଯେଉଁ ଗୁଡିକ କି ସ୍ଥାନୀୟ ଭାବେ ସହଜରେ ମିଳୁଥିବା କଞ୍ଚାମାଲ ଯଥା- ଆଖୁ, ଖଜୁରୀ, ମହୁଲ, ଧାତକୀ, ସଳପ, ମହୁ, ଯଅ, ଗହମ ଓ ଧାନ ଇତ୍ୟାଦିରୁ ପ୍ରସ୍ତୁତ ହୋଇଥାଏ। ଏବେ ବି ଆଦିବାସୀ ଅଞ୍ଚଳରେ ହାଣ୍ଡିଆ ଓ ମହୁଲି ଓ ସଳପ ମଦର ବହୁଳ ପ୍ରଚଳନ ରହିଛି। ବିଦେଶୀ ମଦ ରାସାୟନିକ ଓ କ୍ଷତିକାରକ ହୋଇଥିବା ସ୍ଥଳେ, ଏହିସବୁ ସ୍ୱଦେଶୀ ପାନୀୟ ଗୁଡିକ ଜୈବିକ ଓ ପୁଷ୍ଟିକାରକ ହୋଇଥାଏ। ନିଶାମୁକ୍ତି କେନ୍ଦ୍ରଗୁଡିକୁ ଆସୁଥିବା ନିଶା ରୋଗୀଙ୍କ ଭିତରେ କେହି ବ୍ୟକ୍ତି ହାଣ୍ଡିଆ ବା ମହୁଲି ଭଳି ସ୍ୱଦେଶୀ ମଦରେ ପୀଡିତ ହୋଇ ଆସିଥିବାର ଲକ୍ଷ୍ୟ କରାଯାଇନାହିଁ। କିନ୍ତୁ ବିଡମ୍ବନାର ବିଷୟ, 'ସ୍ୱଦେଶୀ' ଡିଣ୍ଡିମ ପିଟୁଥିବା ଆମର ସରକାରମାନେ ବିଦେଶୀ ମଦର କାରବାରକୁ ସାର୍ବଜନୀନ କରିଥିବା ବେଳେ, ସ୍ୱଦେଶୀ ପାନୀୟର କାରବାର ଉପରେ ବିଭିନ୍ନ ପ୍ରକାର ଅହେତୁକ କଟକଣା ଜାରି କରିଛନ୍ତି। ସୁତରାଂ ଗାନ୍ଧି ମଣିଷଙ୍କ ଆଗରେ ଆଜି ଆହ୍ୱାନ୍– ସ୍ୱଦେଶୀ ପାନୀୟଗୁଡିକ ଉପରୁ କଟକଣା ହଟେଇ ସେଗୁଡିକର ଉତ୍ପାଦନ ଓ ପ୍ରସାରକୁ ପ୍ରୋତ୍ସାହନ ଦେବା।

ଯେଉଁ ବ୍ୟକ୍ତିମାନେ ଦୁର୍ଭାଗ୍ୟକ୍ରମେ ନିଶାଗ୍ରସ୍ତ ହୋଇ ପଡିଛନ୍ତି ଓ ସେହି ଅବସ୍ଥାରୁ ମୁକୁଳିବା ପାଇଁ ଚାହିଁ ସୁଦ୍ଧା ପାରୁନାହାନ୍ତି, ସେମାନଙ୍କୁ ସାହାଯ୍ୟ କରି ଠିକଣାବାଟକୁ ଆଣିବା ଉଦ୍ଦେଶ୍ୟରେ ଗାନ୍ଧିଜୀ କହିଥିଲେ, 'ସେମାନଙ୍କୁ ଯଦି ଆପଣମାନେ ଉଦ୍ଧାର କରିବାକୁ ଚାହାଁନ୍ତି, ତେବେ ଖାଲି ବକ୍ତୃତା ଦ୍ୱାରା ତାହା କଦାପି କରିପାରିବେ ନାହିଁ। ଆମର ଉଚ୍ଚ ଆସନରୁ ଓହ୍ଲାଇ ଆମେ ସେମାନଙ୍କ ପାଖକୁ ଯିବୁ, ସେମାନଙ୍କ ସହିତ ନିଜକୁ ସମାନ କରିବୁ, ସେମାନଙ୍କର ଦୁଃଖକଷ୍ଟ ବୁଝିବାକୁ ଓ ଦୂର କରିବାକୁ ଯତ୍ନ କରିବୁ, ଏବଂ ଏହି ପ୍ରକାରେ ସେମାନଙ୍କର ହୃଦୟକୁ ଆମେ ଜିତିବୁ, ତେବେ ଯାଇ ଆମେ ସେମାନଙ୍କୁ ଉଦ୍ଧାର କରିପାରିବୁ।' ସୁତରାଂ ନିଶାସକ୍ତ ଲୋକମାନଙ୍କ ସହ ଆତ୍ମୀୟତା ଓ ଏକାତ୍ମତା ପ୍ରତିଷ୍ଠା କରିପାରିଲେ ହିଁ ଆମେ ସେମାନଙ୍କୁ ନିଶାସକ୍ତିରୁ ମୁକ୍ତ କରିପାରିବା, ଅନ୍ୟଥା ନୁହେଁ- ଏହାହିଁ ଆଜିକାର ନିଶାନିବାରଣ କର୍ମୀମାନଙ୍କ ପ୍ରତି ଗାନ୍ଧିଜୀଙ୍କ ବାର୍ତ୍ତାର ପ୍ରକୃତ ଆହ୍ୱାନ୍।

**ଚିତ୍ତ ବେହେରାଙ୍କ ଦ୍ୱାରା ଆକାଶବାଣୀ, କଟକରେ ପ୍ରଦତ୍ତ ଭାଷଣ**